## ଗୋପାଳପୁର ବେଳାଭୂମି ମହୋତ୍ସବ ପ୍ରସ୍ତୁତି ବୈଠକ

# ତ୍ରୁଟିଶୂନ୍ୟ କରିବାକୁ ବିଭିନ୍ନ କମିଟି ଗଠିତ

ଛତ୍ରପୁର, ୯।୧(ସମିସ)



ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଚଳିତ ଜାନୁଆରୀ ୨୨ରୁ ୨୬ ପର୍ଯ୍ୟନ୍ତ ଗୋପାଳପୁର ଠାରେ ଆୟୋଜିତ ହେବାକୁ ଥିବା ବେଳାଭୂମି ମହୋତ୍ସବକୁ ସରସସୁନ୍ଦର କରିବାକୁ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନେଇ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଳାକାର ଓ ସାଂସ୍କୃତିକ ଦଳର ଚୟନ ପାଇଁ ଅଳ୍ପଦିନ ମଧ୍ୟରେ ଅଡିସନ୍ କରାଯିବ। କବାଡି, କରାଟେ, ଭଲିବଲ୍, ଗୁଡିଉଡା ପ୍ରତିଯୋଗିତା ସହିତ ନୌଚାଳନା ଓ ଅନ୍ୟାନ୍ୟ ଲୋକାଦୃତ ପ୍ରତିଯୋଗିତା ଆୟୋଜନ ପାଇଁ ପରିକଳ୍ପନା କରାଯାଉଛି। ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ଖାଦ୍ୟମେଳା, ବାଲୁକାକଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ମହୋତ୍ସବକୁ ତ୍ରୁଟିଶୂନ୍ୟ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସାରିବାକୁ କ୍ରୀଡା, ବାଲୁକାକଳା, ଆଇନଶୃଙ୍ଖଳା, ବଜେଟ, ସ୍ମରଣିକା, ଟ୍ରାଫିକ ଓ ପାର୍କିଂ, ସ୍ୱାସ୍ଥ୍ୟ, ଖାଦ୍ୟ ଓ ପରିମଳ, ପରିବହନ ଆଦି ବିଭିନ୍ନ କମିଟି ଗଠନ କରାଯାଇଛି। ବରିଷ୍ଠ ଅଧିକାରୀମାନେ ଏହି କମିଟି ଗୁଡିକର ନେତୃତ୍ୱ ନେବେ। କମିଟି ଗୁଡ଼ିକ ଦୁଇରୁ ତିନି ଦିନ ମଧ୍ୟରେ ତାଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ କିପରି ତୃଟିଶୂନ୍ୟ ଭାବରେ କରିବେ ତାହାର ସବିଶେଷ ରୂପରେଖ ପ୍ରସ୍ତୁତ କରିବା ସହିତ ଆବଶ୍ୟକୀୟ ଅର୍ଥ ସମ୍ବନ୍ଧରେ ବଜେଟ କମିଟିକୁ ଜଣାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମହୋତ୍ସବର ସ୍ମରଣିକା "ଶାମୂକା"ରେ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଇତିହାସ ସମ୍ପର୍କିତ ଆଲେଖ୍ୟ ପ୍ରକାଶ ପାଇବ। ସାହିତ୍ୟିକ ଓ ଲେଖକ ମାନଙ୍କୁ ନୂତନ ଗବେଷଣା ଧର୍ମୀ ଆଲେଖ୍ୟ ଏକ ସପ୍ତାହ ମଧ୍ୟରେ ଜିଲ୍ଲାପାଳ କିମ୍ବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା, ସୁନୀଲ କୁମାର କେର୍କେଟା, ଉପଜିଲ୍ଲାପାଳ ବ୍ରହ୍ମପୁର ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଏବଂ ବିଡିଓ ମାନେ ଉପସ୍ଥିତ ଥିଲେ।

## ବ୍ୟାଟେରି ଗାଡ଼ି ସେବା ଶୁଭାରମ୍ଭ କଲେ ବିଧାୟକ



ବ୍ରହ୍ମପୁର, ୯।୧(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ କାଜୁଆଲଟିରେ ରୋଗୀଙ୍କ ନିମନ୍ତେ ବ୍ୟାଟେରି ଗାଡ଼ି ସେବା ଶୁଭାରମ୍ଭ ହୋଇଛି। ପୂର୍ବରୁ ଏହି ସେବା ମେଡ଼ିକାଲରେ ଜାରି ରହିଥିବା ବେଳେ ଟେଣ୍ଡର ପ୍ରକ୍ରିୟାରେ ଭୁବନେଶ୍ୱରର ଅନ୍ୟ ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିଲା। ଏହି ସେବାକୁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଶୁଭାରମ୍ଭ କରିଛନ୍ତି। ଏହି ବ୍ୟାଟେରି ଗାଡ଼ି କାଜୁଆଲଟିରୁ ବିଭିନ୍ନ ୱାର୍ଡ଼କୁ ରୋଗୀଙ୍କୁ ନେବାଆଣିବା କରିବ। କାର୍ଯ୍ୟକ୍ରମରେ ଏମ୍‌କେସିଜି ମେଡ଼ିକାଲ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, କାଜୁଆଲଟି ମେଡ଼ିକାଲ ଅଫିସର ଡା. ସୁବ୍ରତ ଦାଶଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଛତ୍ରପୁର ବ୍ଲକରେ ବୁଲିଲା କୃଷି ସଚେତନତା ରଥ



ଛତ୍ରପୁର, ୯।୧(ସମିସ): ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରୁ ଏକ କୃଷି ରଥର ଶୁଭାରମ୍ଭ ହୋଇଛି। ଏହାକୁ କୃଷି ଜିଲ୍ଲା ଅଧିକାରୀ ଜୁନୋମୟୀ ମହାନ୍ତି ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଛତ୍ରପୁର ବ୍ଲକର ସମସ୍ତ ପଞ୍ଚାୟତ ବୁଲି କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧରେ ପଥପ୍ରାନ୍ତ ନାଟକ ମାଧମରେ ଚାଷୀଙ୍କୁ ସଚେତନତା କରାଇବ। ଏହି ଅବସରରେ ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ କୃଷି ଅଧିକାରୀ ନିହାର ରଞ୍ଜନ ଦାଶ, କୃଷି ଅଧିଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ନୁଁନୁ ସେଠୀ, ବିଟିଏମ ସ୍ମୃତିସ୍ମରଣିକା ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ବୈରାଗୀ ସ୍ୱାଇଁ, ମୌସୁମୀ ବେହେରା, ନିହାରିକା ପଣ୍ଡା, ରୋଜାଲିନ ପାତ୍ର, ଏଟିଏମ ଗୋପୀନାଥ ଦାସ ଏବଂ ସୋନାଲି ମହାନ୍ତି ଉପସ୍ଥିତ ଥିଲେ।

## ବିଶ୍ୱାସରାୟ କଲେଜରେ ଆଲୋଚନାଚକ୍ର




ସାନଖେମୁଣ୍ଡି, ୯।୧(ସମିସ): ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟରେ ଉଭୟେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଓ ରାଜନୀତି ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ 'ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଆ ସାହିତ୍ୟର ପ୍ରାସଙ୍ଗିକତା' ଓ ରାଜନୀତି ବିଜ୍ଞାନ ବିଭାଗରେ 'ସାମ୍ପ୍ରତିକ ବିଶ୍ୱ ପରିବେଶରେ ଉଦୀୟମାନ ଭାରତ ସମ୍ମୁଖରେ ଆହ୍ୱାନ' ବିଷୟରେ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ଼. ମେଜର ଶଙ୍କର ପ୍ରସାଦ ଅଧିକାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଓଡ଼ିଆ ବିଭାଗର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଚିକିଟି ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ଼. ସଞ୍ଜୟ କୁମାର ପଣ୍ଡା। ସେ ଓଡ଼ିଆ ଭାଷା ଓ ସାହିତ୍ୟ ସଦାସର୍ବଦା କିପରି ଭାରତ ବର୍ଷରେ ଅନନ୍ୟ ସାହିତ୍ୟ ଅପେକ୍ଷା ପ୍ରାଚୀନ ଓ ଚିରନମସ୍ୟ ଏହି ମହତ୍ କଥାକୁ ଉଲ୍ଲେଖ କରିଥିଲେ। ଆସିକା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ପ୍ରତି ବିଶ୍ୱ ପରିବେଶରେ ଭାରତ କିଭଳି ସମଗ୍ର ବିଶ୍ୱ ସହିତ ସମକକ୍ଷ ହୋଇପାରିଛି ଆହୁରି ଆଗକୁ ହେଇପାରିବ ଅବଗତ କରାଇଛନ୍ତି। ଓଡ଼ିଆ ବିଭାଗ ଅଧ୍ୟାପିକା ବର୍ଷାରାଣୀ ପାଣିଗ୍ରାହୀ ଏବଂ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ଶିବାନୀ ପରିଡ଼ା ସହଯୋଗ କରିଥିବା ବେଳେ ବିଭାଗର ଅନ୍ୟତମ ଅଧ୍ୟାପକ କୁରେଶ ମହାରଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ଅଧ୍ୟାପକ ତଥା ରସାୟନ ବିଭାଗ ମୁଖ୍ୟ ଡ଼. କୈଳାଶ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାନଗର 'ବିଏଚ୍‌ପି'ର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର, ୯।୧(ସମିସ): ବିଶ୍ୱ ହିନ୍ଦୁ ପରିଷଦ ବ୍ରହ୍ମପୁର ମହାନଗର ପରିବାରର ନୂତନ କର୍ମକର୍ତ୍ତା ମନୋନିତ ହୋଇଛନ୍ତି। ଆଇନଜୀବୀ ସୂର୍ଯ୍ୟନାରାୟଣ ଚୌଧୁରୀ ଉପ ସଭାପତି, ସହ ସମ୍ପାଦକ ଭାବେ ଶ୍ରୀକାନ୍ତ ଚୌଧୁରୀ, ଧନ୍ୱନ୍ତର ପ୍ରଖଣ୍ଡର ସଭାପତି ଭାବେ କୃତିବାସ ଚୌଧୁରୀ, ଲକ୍ଷ୍ମୀନୃସିଂହ ପ୍ରଖଣ୍ଡର ସମ୍ପାଦକ ଭାବେ କେ. ଚନ୍ଦ୍ରଶେଖର, ଜଗନ୍ନାଥ ପ୍ରଖଣ୍ଡର ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ରଥ ଓ ଗଞ୍ଜାମ ପ୍ରଖଣ୍ଡର ସମ୍ପାଦକ ଭାବେ ଶ୍ୱେତା ପ୍ରଧାନ ମନୋନିତ ହୋଇଛନ୍ତି। ଭୁବନେଶ୍ୱର ନିଳାଦ୍ରୀବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଆୟୋଜିତ ପ୍ରାନ୍ତୀୟ ପ୍ରବନ୍ଧ ବୈଠକରେ ଏହି କର୍ମକର୍ତ୍ତାଙ୍କୁ ମନୋନିତ କରାଯାଇଥିଲା। ସ୍ଥାନୀୟ ଆଙ୍କୁଲି ସ୍ଥିତ ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟାଳୟରେ କେଦାରନାଥ ପଣ୍ଡା ଓ ଶ୍ରୀନିବାସ ରାଓଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମସ୍ତଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା।



# ଛତ୍ରପୁର ବିଧାୟକଙ୍କ ମାରାଥନ୍ କାର୍ଯ୍ୟକ୍ରମ

ଛତ୍ରପୁର, ୯।୧(ସମିସ): ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ଦ୍ୱାରା ବଡ଼ମାଧପୁର ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ମାରାଥନ ଶୁଭ ଉଦ୍‌ଘାଟନ ସହିତ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବଡ଼ମାଧପୁର ଗ୍ରାମରେ ସୁବିଧାକେନ୍ଦ୍ରର ଭିତ୍ତିପ୍ରସ୍ତର ସହ ବଜାର ଗୃହ, ବହୁମୁଖି ଗୋଷ୍ଠୀକେନ୍ଦ୍ର, ମିଶନ ଶକ୍ତି ଗୃହ ଓ ରାଉଳସାହି ଗୋଷ୍ଠୀ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏହାସହ ଉକ୍ତ ପଞ୍ଚାୟତ ଅଧିନସ୍ଥ ଗୋବା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହକୁ ମଧ ବିଧାୟକ ଉଦଘାଟନ କରିଥିଲେ। ମହିଳା ଗୋଷ୍ଠୀକୁ ସ୍ୱାବଲମ୍ବି କରିବା ନିମନ୍ତେ ବିଧାୟକଙ୍କ ଦ୍ୱାରା ୨୪ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୪୫ ଲକ୍ଷ ୫୦ ହଜାର ଟଙ୍କା ସିଏଲ୍‌ଏଫ ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ସାଡି. ଶାରଦା ରେଡ୍ଡୀ, ସାଂସଦ ପ୍ରତିନିଧି ଆର. ସନ୍ତୋଷ ରେଡ୍ଡୀ, ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ସରପଞ୍ଚ ବଡ଼ମାଧପୁର ଅର୍ଚ୍ଚନା କୁମାରୀ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ୍ କିଶୋର ଚନ୍ଦ୍ର ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ଜ୍ୟୋତି ରଞ୍ଜନ ସାହୁ, ଅଶୋକ ପାଣିଗ୍ରାହୀ, ବଉଳଗାଁ ସମିତିସଭ୍ୟ ରାମଚନ୍ଦ୍ର ପରିଡ଼ା, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଶିବ ଶଙ୍କର ସେଠୀ, ବାପି ଦାସ, କନିଷ୍ଠ ଯନ୍ତ୍ରୀ ମାନିନୀ ମୁନି, ମିଶନ ଶକ୍ତିର ବିପିଏମ ସୀତା ବରାଳ, ମହିଳା ସଂଘର ସଭାପତି ରଶ୍ମିତା ପ୍ରଧାନ, ପିଇଓ ଅଜିତ୍ ମହାରଣା, ମହେଶ୍ୱର ପ୍ରଧାନ ଓ ବନୋଜ ନାହାକଙ୍କ ସମେତ ୱାର୍ଡ ମେମ୍ବର ମାନେ ଉପସ୍ଥିତ ଥିଲେ।



## ଯୌତୁକ ନିର୍ଯାତନା ଓ ସ୍ୱାମୀଙ୍କ ଦ୍ୱିତୀୟ ବିବାହ ଅଭିଯୋଗ, ମାମଲା ରୁଜୁ କଲା ପୁଲିସ

ଦିଗପହଣ୍ଡି, ୯।୧(ସମିସ): ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗ୍ରାମର ଏନ୍. ପୁଷ୍ପା ରେଡ୍ଡୀଙ୍କୁ ତାଙ୍କ ସ୍ୱାମୀ ଏନ୍. ସୂର୍ଯ୍ୟ ରେଡ୍ଡୀ ଏବଂ ଶାଶୁ, ଶଶୁର, ନଣନ୍ଦ ଯୌତୁକ ନିର୍ଯାତନା ଦେଉଥିବା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ଏସ୍‌ଆଇ ସୋଫିଆ ମିଶ୍ରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗତ ପ୍ରାୟ ୧୦ ବର୍ଷ ପୂର୍ବେ ଉଭୟଙ୍କ ବିବାହ ହୋଇଥିବାବେଳେ ସେମାନଙ୍କର ଗୋଟିଏ ପୁତ୍ର ଓ କନ୍ୟା ସନ୍ତାନ ଜନ୍ମ ହୋଇଥିଲେ। କନ୍ୟା ଜନ୍ମ ପରେ ତାଙ୍କୁ ବାପଘରୁ ଅଧିକା ଯୌତୁକ ଆଣିବାକୁ ଶାଶୁଘର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରିକି ସେମାନେ ଜନ୍ମିତ କନ୍ୟାର ଉପଯୁକ୍ତ ଚିକିତ୍ସା ନକରିବାରୁ ୧୭ ମାସ ପରେ ମୃତ୍ୟୁ ଘଟିଥିଲା। ପୁଷ୍ପା ୪୦ ହଜାର ଟଙ୍କା ଗ୍ରୁପ୍ ଲୋନ ଆଣିଥିବା ବେଳେ ତାଙ୍କ ସ୍ୱାମୀ ସମସ୍ତ ଟଙ୍କା ଛଡ଼ାଇ ନେଇଥିଲେ। ପରେ ଗୋକର୍ଣ୍ଣପୁର ଗ୍ରାମର ଅନ୍ୟଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରି ଘରେ ରଖିଥିବା ପୁଷ୍ପା ଥାନାରେ ଏତଲା ଦେଇଥିଲେ।

## ଚୋରି ଅଭିଯୋଗରେ ୫ ଗିରଫ

ଛତ୍ରପୁର, ୯।୧(ସମିସ): ଚୋରି ଅଭିଯୋଗରେ ୫ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ଚମାଖଣ୍ଡି ଥାନା ପୁଲିସ। କଣମଣା ଅଞ୍ଚଳର ଏକ ଅତର ଭାଟିରୁ କିଛିଦିନ ତଳେ ମୋଟର ପମ୍ପ, ତମ୍ବା ତାର ଓ ତମ୍ବା ଘୋଡ଼ଣି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ମାଟିଖାଲ ଅଞ୍ଚଳର ମିଟୁ ପ୍ରଧାନ, କଣମଣା ଅଞ୍ଚଳର ଏସ. ମୋହନ ରେଡି, ଏସ. ଗୋବିନ୍ଦ ରେଡି, ଛତ୍ରପୁର ଅଞ୍ଚଳର ଯୀଶୁ ସ୍ୱାଇଁ ଓ ସନୋଜ କୁମାରଙ୍କୁ ଗିରଫ କରିଥିବା ତଦନ୍ତ ଅଧିକାରୀ ଅଭିଜିତ୍ ସାମଲ ସୂଚନା ଦେଇଛନ୍ତି।



## ପୋଖରୀରେ ବୁଡ଼ି ୨ ମୃତ

କୋଦଳା/ଖଲ୍ଲିକୋଟ, ୯।୧(ସମିସ): ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବାଦର୍ଖପଲ୍ଲୀରେ ପୋଖରୀରେ ବୁଡ଼ି ସେହି ଗାଁର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ (୪୩)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳୁ ସେ ଗାଧୋଇବାକୁ ପୋଖରୀରେ ବୁଡ଼ିଯାଇଥିଲେ। ଗାଁ ଲୋକେ ଉଦ୍ଧାର କରି କୋଦଳା ଗୋଷ୍ଠୀ ସ୍ୱାସ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମରେ ଶୌଚ ହେବାକୁ ଯାଇଥିବା ବୃଦ୍ଧା ସୌରୀ ବେହେରା(୮୫)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସୌରୀ ଭୋରରୁ ଗାଁ ମହାଦେବ ପୋଖରୀକୁ ସ୍ନାନ ଶୌଚ ପାଇଁ ଯାଇ ଫେରିନଥିଲେ। ପରିବାର ଲୋକେ ଖୋଜିବାକୁ ଯାଇ ମୃତଦେହ ପୋଖରୀରେ ଭାସୁଥିବା ଦେଖିଥିଲେ। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଦଳ ଭର୍ତ୍ତି ଯୋଗୁଁ ଛନ୍ଦି ହୋଇ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ ପାଇଁ ପଠାଇଛି।

## ଗାଡ଼ି ଧକ୍କାରେ ମହିଳା ମୃତ

ରଙ୍ଗେଇଲୁଣ୍ଡା, ୯।୧(ସମିସ): ଗୋଳନ୍ଥରା ଥାନା ସମ୍ମୁଖରେ ଶୁକ୍ରବାର ସକାଳେ ଏକ ଅଜଣା ଗାଡ଼ି ଧକ୍କାରେ ଭାଲିଆଗଡ଼ ଗ୍ରାମର ଡ. ଦେବୀ(୩୮)ଙ୍କ ମୃତ୍ୟୁ ଘଟିଛି। ତତଡ଼ାପଲ୍ଲୀ ସ୍ଥିତ ସନ୍ତୋଷୀ ମା'ଙ୍କ ମନ୍ଦିରକୁ ଯିବାକୁ ଏକ ବସରେ ଆସି ଗୋଳନ୍ଥରା ଥାନା ସାମ୍ନା ବସ୍‌ଷ୍ଟପରେ ଓହ୍ଲାଇ ଜାତୀୟ ରାଜପଥ ପାର ହେଉଥିବାବେଳେ ଇଚ୍ଛାପୁରରୁ ବ୍ରହ୍ମପୁରକୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୋଳନ୍ଥରା ଥାନା ଏଏସ୍‌ଆଇ ରମେଶ ଚନ୍ଦ୍ର ଚୌଧୁରୀ ସଦଳବଳ ପହଞ୍ଚି ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## କସ୍ତୁରବା ବୃଦ୍ଧାଶ୍ରମରୁ ଚୋରି

ଛତ୍ରପୁର, ୯।୧(ସମିସ): ଛତ୍ରପୁର ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ସ୍ଥିତ ଯଶୋଦା ଫାଉଣ୍ଡେସନ ଆଣ୍ଡ ଟ୍ରଷ୍ଟ ଆନୁକୂଲ୍ୟରେ ଥିବା କସ୍ତୁରବା ବୃଦ୍ଧାଶ୍ରମ ଗୃହରୁ ବିଭିନ୍ନ ସାମଗ୍ରୀ ଚୋରି ନେଇ ଟ୍ରଷ୍ଟି ସାଗରିକା ପଣ୍ଡା ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ପାଣି ପମ୍ପ, ଘାସକଟା ଯନ୍ତ୍ର, ପ୍ଲାଷ୍ଟିକ ଡ୍ରମ, ମଗ, ବାଲଟି ସହିତ ଆନ୍ୟାନ୍ୟ ସାମଗ୍ରୀ ଗୁଡିକ ଦୁର୍ବୃତ୍ତ ନେଇଯାଇଥିବା ଏତଲାରେ ଦର୍ଶାଯାଇଛି। ପୁଲିସ ପହଁଚି ତଦନ୍ତ ଆରମ୍ଭ କରିଛି।

## କଇଁଚି ମାଡ଼ରେ ଦମ୍ପତି ଗୁରୁତର

ପାତ୍ରପୁର, ୯।୧(ସମିସ): ଜରଡ଼ା ଥାନା ଅଧୀନ ସିଲେଇସିଙ୍ଗି ଗ୍ରାମରେ ଏକ ମାଙ୍ଗଳିକ କାର୍ଯ୍ୟରେ ୨ଜଣ ଲୋକଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଝଗଡ଼ା ପରେ କଇଁଚି (କତୁରୀ) ମାଡ଼ରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ଚନ୍ଦ୍ରମଣି ଶବର (୩୫) ଓ ତାଙ୍କ ପତ୍ନୀ ସୁଭାଷିନୀ ଶବର (୨୮)। ଗ୍ରାମର ଏକ ମାଙ୍ଗଳିକ ଉତ୍ସବରେ ରାଜେନ୍ଦ୍ର ଓ ଚନ୍ଦ୍ରମଣିଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା। ଉପସ୍ଥିତ ଲୋକଙ୍କ ବୁଝାସୁଝା ପରେ ଉଭୟେ ଘରକୁ ଚାଲିଯାଇଥିଲେ। ପରେ ରାଜେନ୍ଦ୍ର ଏକ କଇଁଚିରେ ଚନ୍ଦ୍ରମଣିଙ୍କୁ ଆକ୍ରମଣ କରିଥିବା ବେଳେ ସେହି ତାଙ୍କ ପତ୍ନୀ ସୁଭାଷିନୀ ଅଟକାଇବାକୁ ଆସି ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ପୁଲିସ କ୍ଷତାକ୍ତ ଚନ୍ଦ୍ରମଣି ଓ ତାଙ୍କ ପତ୍ନୀଙ୍କୁ ଉଦ୍ଧାର କରି ଗ୍ରାମବାସୀଙ୍କ ସହାୟତାରେ ପାତ୍ରପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏକ ମାମଲା ରୁଜୁ କରି ଅଭିଯୁକ୍ତ ରାଜେନ୍ଦ୍ରକୁ କୋର୍ଟଚାଲାଣ କରିଛି ପୁଲିସ।

## ରାମ୍‌ଜୀ କଲେଜ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଦିଗପହଣ୍ଡି, ୯।୧(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ଡିଗ୍ରୀ କଲେଜର ୪୭ ତମ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ପୁରସ୍କାର ବିତରଣ ସଭାରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର ଅଧ୍ୟକ୍ଷତା କରିଥିଲେ। କଲେଜର ପୂର୍ବତନ ଅଧ୍ୟକ୍ଷ ରଘୁନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ରାମଜୀ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ, ବ୍ରହ୍ମପୁର ଡେକାନ କଲେଜ କ୍ରୀଡା ଶିକ୍ଷକ ମହାଦେବ ରଥ, କଲେଜ କ୍ରୀଡ଼ା ପରିଷଦ ଉପସଭାପତି ଅଧ୍ୟାପକ ରଞ୍ଜିତ କୁମାର ସେଠୀ, ରଞ୍ଜନ ଗୌଡ଼, ଅଧ୍ୟାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ପୁରସ୍କୃତ କରାଯାଇଥିଲା।

## ଗଞ୍ଜାମ ଜିଲ୍ଲା ଚାଉଳ କଳ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

# ଅଶୋକ ସଭାପତି, ଗୋପାଳ ଓ କାଳୀଶଙ୍କର ସମ୍ପାଦକ

ବ୍ରହ୍ମପୁର, ୯।୧(ସମିସ)




### ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି ଜିଲ୍ଲାର ୪ଶହରୁ ଉର୍ଦ୍ଧ୍ୱ ମିଲ୍ ମାଲିକ

ରାଜ୍ୟରେ ଥିବା ମୋଟ ୧୪ଶହ ଚାଉଳ କଳ ମଧ୍ୟରୁ ଶତକଡା ୩୦ପ୍ରତିଶତ ଅର୍ଥାତ୍ ୪ଶହରୁ ଉର୍ଦ୍ଧ୍ୱ ମିଲ୍ କେବଳ ଗଞ୍ଜାମ ଜିଲ୍ଲାରେ। ପ୍ରତ୍ୟେକ ମିଲରେ ଅନ୍ୟୁନ ସାଢେ ୩କୋଟି ବିନିଯୋଗ ହେଉଥିବା ବେଳେ ସମସ୍ତଙ୍କୁ କ୍ଷତି ସହିବାକୁ ପଡୁଛି। କ୍ୱାଲିଟି ଚାଉଳ ପାଇଁ ୫୦ଲକ୍ଷ ଟଙ୍କା ମୂଲ୍ୟର ସ୍ୱତନ୍ତ୍ର ସଟେକ୍ସ ମେସିନ ଲଗାଇବାକୁ ମିଲରମାନେ ବାଧ ହେଉଛନ୍ତି। ତେବେ ସେଥିରୁ ସେଭଳି କିଛି ଫାଇଦା ହେଉନାହିଁ। କାରଣ ପ୍ରତି କ୍ୱିଣ୍ଟାଲ ପିଛା ଧାନରୁ ୬୭କିଲୋ ଚାଉଳ ବାହାରିବା କେନ୍ଦ୍ର ସରକାରଙ୍କ ନିୟମ ରହିଥିବା ବେଳେ ରାଜ୍ୟରେ ତାହା ଆଦୌ ସମ୍ଭବପର ନୁହେଁ। ସେପଟେ ମିଲିଂ ଚାର୍ଜ ଓ ପରିବହନ ବାବଦ ଚାର୍ଜ ବଢ଼ିନାହିଁ। ଅପରପକ୍ଷେ କିନ୍ତୁ ମିଲର ବିଦ୍ୟୁତ୍ ଓ ଯନ୍ତ୍ରାଂଶ ମୂଲ୍ୟ ଅହେତୁକ ଭାବେ ବଢ଼ି ଚାଲିଛି। ଏଭଳି ବିଭିନ୍ନ ସମସ୍ୟା ଦେଇ ମିଲରମାନେ ଗତି କରୁଥିବା ବେଳେ ସମସ୍ୟାର ସମାଧାନ ପାଇଁ ଆଗାମୀ ଦିନରେ ସଂଘ ପକ୍ଷରୁ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଦୀର୍ଘ ୧୦ବର୍ଷ ବ୍ୟବଧାନରେ ସଂଘର ନିର୍ବାଚନ ହୋଇଥିବା ବେଳେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ହିଞ୍ଜିଳି ନିକଟସ୍ଥ ସାଉଁଳେଇ ପୀଠରେ ହୋଇଥିବା ନିର୍ବାଚନରେ ସଂଘର ମୋଟ ୪୧୧ଜଣ ସଦସ୍ୟଙ୍କ ମଧ୍ୟରୁ ୩୯୧ଜଣ ସଦସ୍ୟ ଉପସ୍ଥିତ ରହି ନିଜର ମତଦାନ ଅଧିକାରକୁ ସାବ୍ୟସ୍ତ କରିଥିଲେ। ସଂଘର ନିର୍ବାଚିତ କର୍ମକର୍ତ୍ତାଙ୍କର କାର୍ଯ୍ୟକାଳ ୩ବର୍ଷ ରହିଥିବା ବେଳେ ଗତ କିଛି ବର୍ଷ ହେଲା କର୍ମକର୍ତ୍ତାଙ୍କୁ ମନୋନିତ କରାଯାଉଥିଲା। ଚଳିତ ନିର୍ବାଚନରେ ସଭାପତି ଭାବେ ଅଶୋକ କୁମାର ମହାନ୍ତି, ଉପ ସଭାପତି ଭାବେ ନିଗମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ପି. ଗୋପାଳ, ସମ୍ପାଦକ (ଆଡମିନ) କାଳୀ ଶଙ୍କର ପାତ୍ର, ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ଗୌଡ଼, କୋଷାଧ୍ୟକ୍ଷ ଭାବେ ଦୀପକ କୁମାର ଜେନା ଓ ସୀମାଞ୍ଚଳ ଜେନା। ବ୍ରହ୍ମପୁର ଉପଖଣ୍ଡ ଉପ ସଭାପତି ଭାବେ ଗୋପାଳ ଚନ୍ଦ୍ର ପଣ୍ଡା ଓ ଯୁଗ୍ମ ସମ୍ପାଦକ ଭାବେ ହରିହର ପ୍ରଧାନ। ଭଞ୍ଜନଗର ଉପଖଣ୍ଡର ଉପ ସଭାପତି ଭାବେ ଗୋପୀ ଚନ୍ଦ୍ର ପଣ୍ଡା ଓ ଯୁଗ୍ମ ସମ୍ପାଦକ ଭାବେ ଏନ. ଅନୀଲ ଚୌଧୁରୀ। ଏବଂ ଛତ୍ରପୁର ଉପଖଣ୍ଡର ଉପ ସଭାପତି ଭାବେ ସୀମାଞ୍ଚଳ ସାହୁ ଓ ଯୁଗ୍ମ ସମ୍ପାଦକ ଭାବେ ଅମିତ କୁମାର ନାୟକ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାଳକୃଷ୍ଣ ବେରଦଲେଇ
ଅମଲାଭଟ୍ଟା, ଜେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଲେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ,
ନାତୁଣୀ - ଆରୁଷି

## ମ୍ୟୁଲ୍ ଆକାଉଣ୍ଟରେ ୬.୨୭ କୋଟି ସାଇବର ଠକେଇ

# ୫ ଅପରାଧୀଙ୍କୁ ବାନ୍ଧିଲା ପୁଲିସ; ୧୦ ଜଣଙ୍କୁ ନୋଟିସ

ଫୁଲବାଣୀ, ୯।୧(ସମିସ)



କନ୍ଧମାଳ ଜିଲ୍ଲା ସାଇବର୍ ଥାନା ପୁଲିସ ବଡ଼ ଧରଣର ସାଇବର ଅପରାଧର ପର୍ଦ୍ଦାଫାସ କରିଛି। ଜିଲ୍ଲାର ବିଭିନ୍ନ ବ୍ୟାଙ୍କରେ ଖୋଲା ଯାଇଥିବା ମ୍ୟୁଲ ଆକାଉଣ୍ଟରେ ୬ କୋଟି ୨୭ ଲକ୍ଷ ଟଙ୍କାର ସାଇବର ଠକେଇ ଧରାପଡ଼ିଛି। ଏହି ଘଟଣାରେ ମାଷ୍ଟରମାଇଣ୍ଡଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ସହକାରୀ ଏସ୍‌ପି ରମେନ୍ଦ୍ର ପ୍ରସାଦ ଶୁକ୍ରବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, କ୍ରାଇମବ୍ରାଞ୍ଚ ସିଆଇଡି ପକ୍ଷରୁ ଜିଲ୍ଲା ସାଇବର ସେଲ୍‌କୁ ଫୁଲବାଣୀରେ ଥିବା ଏକାଧିକ ବ୍ୟାଙ୍କରେ ସାଇବର ଠକେଇ ହେଉଥିବା ସୂଚନା ଦିଆଯାଇଥିଲା। ଏସ୍‌ପି ହରିଶ ବିସି ଏନେଇ ଏଏସ୍‌ପି ରମେନ୍ଦ୍ରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତ ବେଳେ ସମସ୍ତ ଆକାଉଣ୍ଟ ଗରିବଙ୍କ ନାମରେ ଥିବା ଜଣାପଡିଥିଲା। ସେମାନଙ୍କୁ ପଚରାଉଚରା କରିବାରୁ ଆକାଉଣ୍ଟ ଖୋଲିଥିବା କିଛି ଯୁବକଙ୍କ ସମ୍ପର୍କରେ ପୁଲିସକୁ ଖବର ମିଳିଥିଲା। ନେଣଦେଣ ଓ ଫୋନ କଲକୁ ଆଧାର କରି ପୁଲିସ ଭୁବନେଶ୍ୱରର ସୂର୍ଯ୍ୟୋଦୟ ବ୍ୟାଙ୍କରେ କାମ କରୁଥିବା ମାଷ୍ଟରମାଇଣ୍ଡ ତୁଷାରକାନ୍ତି ଦାସଙ୍କୁ ଉଠାଇ ଆଣି ପଚରା ଉଚରା କରିବା ପରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା। ଏହି ଘଟଣାରେ ଆଉ ୪ ଜଣଙ୍କ ସମ୍ପୃକ୍ତି ଥିବା ଜଣା ପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଫୁଲବାଣୀର ଅବିନାଶ ମହାପାତ୍ର, କିରଣ କୁମାର ବେହେରା, ଗୋପାଳ ସିଂ ଓ ବାଦଲ କୁମାର ସ୍ୱାଇଁ। ୧୦ ଆକାଉଣ୍ଟଧାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା ୟୁ/ଏସ ୩୫ରେ ନୋଟିସ ଜାରି କରାଯାଇଛି।

ତୁଷାରକାନ୍ତି ହେଉଛନ୍ତି ଘଟଣାର ମୁଖ୍ୟ କାର୍ପଟଦାର। ସେ ଏକ ହ୍ୱାଟସ୍‌ଆପ ଖୋଲି ସମ୍ପୃକ୍ତ ଯୁବକଙ୍କୁ ସେଭିଙ୍ଗ ଆକାଉଣ୍ଟ ଖୋଲିଲେ କମିଶନ ବାବଦରେ ୫ ହଜାର ଏବଂ କର୍ପୋରେଟ ଆକାଉଣ୍ଟ ଖୋଲିଲେ ୫୦ ହଜାର ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଖାଉଥିଲେ। ଯୁବକମାନେ ସାଇବର ଅପରାଧ ଉପରେ ଅବଗତ ଥିଲେ। ତେଣୁ ସେମାନେ ଆକାଉଣ୍ଟ ଧାରୀଙ୍କ ପାସ୍ ବୁକ, ଏଟିଏମ୍, ନେଟ ବ୍ୟାଙ୍କି ଏବଂ ସିମ୍‌କାର୍ଡ ମାସକ ପାଇଁ ଦେବାକୁ କହି ଆଣୁଥିଲେ। କିନ୍ତୁ ପରେ ଫେରାଉ ନ ଥିଲେ। ସିଆଇଡି ପକ୍ଷରୁ ଖବର ମିଳିବା ପରେ ତଦନ୍ତକୁ

### ବିଦେଶକୁ ଲମ୍ବିଛି ଅର୍ଥ କାରବାର ଲିଙ୍କ୍

ଜୋରଦାର କରାଯାଇଥିଲା। ଫୁଲବାଣୀରେ ୧୬ଟି ଅକାଉଣ୍ଟରେ ୬ କୋଟି ୨୭ ଲକ୍ଷ ଟଙ୍କା କାରବାର ହୋଇଥିବା ଜଣାପଡିଥିଲା। ଏହି ଠକେଇ ସାମ୍ରାଜ୍ୟ ଦେଶ ଏବଂ ବିଦେଶରେ ଲିଙ୍କ ଥିବା ସହ ଅର୍ଥ କାରବାର ହୋଇଛି। ସମସ୍ତ ଆକାଉଣ୍ଟକୁ ଅଚଳ କରାଯାଇଛି। ତୁଷାରକାନ୍ତିଙ୍କ ଉପରେ ଥିବା ସାଇବର ଅପରାଧିଙ୍କ ଉପରେ ଅଧିକ ତଦନ୍ତ ଚାଲିଛି ବୋଲି ଏଏସପି ରମେନ୍ଦ୍ର କହିଛନ୍ତି। ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ କେ.ଶ୍ରୀନିବାସୁଲ, ଫୁଲବାଣୀ ସାଇବର ଥାନାଧିକାରୀ ଗେହ୍ଲି କୁମାରୀ ଉପସ୍ଥିତ ଥିଲେ।

## ନୂତନ ଜିଲ୍ଲାପାଳଙ୍କ ଯୋଗଦାନ



ପାରଳାଖେମୁଣ୍ଡି, ୯ ।୧(ସମିସ): ଗଜପତି ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ଅକ୍ଷୟ ସୁନିଲ ଅଗ୍ରୱାଲ ଆଜି ଯୋଗଦାନ କରିଛନ୍ତି। ନୂତନ ଜିଲ୍ଲାପାଳ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବା ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଅବଲମ୍ବନ ପାଇଁ ଉପସ୍ଥିତ ପଦାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଗୋଟିଏ ଟିମ ହୋଇ କାର୍ଯ୍ୟ କଲେ ଜିଲ୍ଲାର ବିକାଶ ହୋଇପାରିବ ବୋଲି ଶ୍ରୀ ଅଗୱାଲ ଆହ୍ୱାନ କରିଥିଲେ। ଜନସାଧାରଣଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ଆଦେଶ ଦେଇଥିଲେ। ଜିଲ୍ଲା କାର୍ଯ୍ୟାଳୟରେ ଆରକ୍ଷୀ ଅଧିକ୍ଷକ ଗଜପତି ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା ଓ ଫାଲଗୁନୀ ମାଝୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରକ୍ ଆଲ୍ଲୀଙ୍କ ସମେତ ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ନୂତନ ଜିଲ୍ଲାପାଳଙ୍କ ସ୍ୱାଗତ ଓ ଅଭିବାଦନ କରିଥିଲେ।

## ରାୟଗଡ଼ରେ ପିଏମ୍‌ଶ୍ରୀ ଉତ୍ସବ

ରାୟଗଡ, ୯।୧(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମା ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ମୁଖ୍ୟବକ୍ତା ଭାବେ ପ୍ରଫେସର ତଥା ସମ୍ପୃକ୍ତ ଅନୁଷ୍ଠାନର ପୁରାତନ ଛାତ୍ର ଚିରଞ୍ଜିବି ଶବର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ.ଗିରିଧାରୀ, ବିଡିଓ ସନ୍ତୋଷ କୁମାର ବାରିକ, ଥାନାଧିକାରୀ କମଳା ଚୌଧୁରୀ, ଏବିଇଓ ଯୁଧିଷ୍ଠିର ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ବି. କୃଷ୍ଣଚନ୍ଦ୍ର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମ ପାଇକ ମଞ୍ଚାସୀନ ଥିଲେ। ଭାରତ ସରକାର ଉକ୍ତ ବିଦ୍ୟାଳୟକୁ ପିଏମଶ୍ରୀ ବିଦ୍ୟାଳୟ ଘୋଷଣା କରିବା ପରେ ପ୍ରଥମ ଥର ପାଇଁ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆକାଂକ୍ଷୀ ଛାତ୍ର ପରିଷଦ, ଟେଲେଣ୍ଟ ଗ୍ୟାଲେରୀ, ସାହିତ୍ୟସୃଜନୀ, କୌଶଳୀ ଜିଜ୍ଞାସା, କ୍ରୀଡାଙ୍ଗନ, ଦୋକାନ ଯାତ୍ରା, ଜାତୀୟ ଶିକ୍ଷା, ମଡେଲ ବ୍ୟାଙ୍କ ଭଳି ବିଭିନ୍ନ ଷ୍ଟଲ୍‌ରେ ୪୨୨ଜଣ ଛାତ୍ରଛାତ୍ରୀ ଭାଗ ନେଇ ଅତିଥିମାନଙ୍କୁ ସମ୍ପୃକ୍ତ ବିଭାଗ ସମ୍ପର୍କରେ ବୁଝାଇ ପ୍ରଶଂସା ସାଉଁଟିଥିଲେ। ସେଥି ମଧ୍ୟରୁ ଭଲ ପ୍ରଦର୍ଶନ କରିଥିବା ବିଭାଗର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ପାଠୀ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଦେବଗିରି ଉତ୍ସବର ପ୍ରଥମ ଦିନ

# ମନ ମୋହିଲା ପାରମ୍ପରିକ ଆଦିବାସୀ ଲୋକନୃତ୍ୟ



ଗୁମ୍ମା, ୯ ।୧(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାରମ୍ପରିକ ଦେବଗିରି ଉତ୍ସବର ୨୦୨୫ର ପ୍ରଥମ ଦିବସ ସାଂସ୍କୃତିକ ଲାଞ୍ଜିଆ ସୌଉରା ଲୋକନୃତ୍ୟ ପରିବେଷଣ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତହସିଲଦାର ଶରତ ଶବର, ବିଡ଼ିଓ ଦୁଲାରାମ ମାରାଣ୍ଡି, ଏଲଏସଡ଼ିଏ ଏସଓ ଆକାଶ କୁମାର ଡ଼ିଗାଲ, ସେରଙ୍ଗ ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ଓ ସମିତି ସଭ୍ୟ/ସରପଞ୍ଚ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକକଳା, ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ନାଟକ ଓ ସଂସ୍କୃତିର ପୁନରୁଦ୍ଧାର ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ସହ ପ୍ରତିଭାର ବିକାଶ ପାଇଁ ଉଦ୍ୟମ କରାଯାଇଛି।

ସେହିପରି ଗୁମ୍ମା ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟର ବିଭିନ୍ନ ଛାତ୍ରଛାତ୍ରୀ ବିଭିନ୍ନ ଆଦିବାସୀ ଲୋକନୃତ୍ୟ ପରିବେଷଣ କରିବା ସହିତ ମିରାକେଲ ଡ୍ୟାନ୍ସ ଗ୍ରୁପ ଓ ଲୋକପ୍ରିୟ କଣ୍ଠଶିଳ୍ପୀ ନାଭ୍ୟା ଜ୍ୟୋତିଙ୍କ କଣ୍ଠ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ସମ୍ମାନିତ ଅତିଥି, କ୍ରୀଡ଼ାବିତ, ବୁଦ୍ଧିଜୀବୀ, କଳାକାର, ଲୋକ ପ୍ରତିନିଧି ସରପଞ୍ଚ ଓ ସମିତିସଭ୍ୟ ଏବଂ ତରଭା, ଡ଼ାଙ୍ଗୁସିଂ, ପରିଡ଼ା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରାଯାଇଛି।

## ଜଙ୍ଗଲରେ ଦରପୋଡ଼ା ଶବର ରହସ୍ୟ ଫିଟିଲା

# ଗୁଣିଗାରେଡ଼ି ସନ୍ଦେହରୁ ହତ୍ୟା; ୩ ଗିରଫ

ଟିକାବାଲି, ୯।୧(ସମିସ): ଟିକାବାଲି ଥାନା ଚୂନପଡା ଘାଟି ଜଙ୍ଗଲରୁ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ କରିଛି ପୁଲିସ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିବା ବେଳେ ଗୁଣିଗାରେଡ଼ି ସନ୍ଦେହରେ ଏହି ନିର୍ମମ ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି। ଏହି ମାମଲାରେ ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ କରିଛି। ଗିରଫ ମାନେ ହେଲେ ଖଜୁରୀପଡା ଥାନା ଅନ୍ତର୍ଗତ ଖଲିବେରଣା ଗାଁର ଦୁଇ ଭାଇ ପ୍ରକାଶ ହଂସ(୨୧) ମୁକେଶ ହଂସ (୨୫) ଏବଂ ଟିକାବାଲି ଥାନା କଇଁଝର ପଞ୍ଚାୟତ ଅନ୍ତର୍ଗତ ନାଗିରିଗୁଡାରି ଗାଁର ଜିତେନ୍ଦ୍ର ଗୁରୁ (୨୩) ।
ସୂଚନା ଅନୁଯାୟୀ, ଖଜୁରୀପଡ଼ା ଥାନା ଖଲିବେରଣା ଗ୍ରାମର ମୃତ ଦୁର୍ଯ୍ୟୋଧନ ବଗର୍ତ୍ତୀ (୩୫) ଝଡ଼ାଫୁଙ୍କା କରନ୍ତି। ୭ ମାସ ତଳେ ଅଭିଯୁକ୍ତ ପ୍ରକାଶଙ୍କ ଭାଇଙ୍କର କୌଣସି କାରଣବଶତଃ ମୃତ୍ୟୁ ହୋଇଥିଲା।



ଦୁର୍ଯ୍ୟୋଧନ ଗୁଣି କରି ତାଙ୍କ ଭାଇକୁ ମାରିଦେଇଥିବା ପ୍ରକାଶ ଓ ତାଙ୍କ ସହଯୋଗୀ ସନ୍ଦେହ କରି ପ୍ରତିଶୋଧ ସୁଯୋଗ ଖୋଜୁଥିଲେ। ଗତ ୪ ତାରିଖ ଦିନ ଦୁର୍ଯ୍ୟୋଧନ ଚିକେନ୍ କିଣିବାକୁ ବାହାରକୁ ଆସିଥିବା ବେଳେ ଖଲିବେରଣା ପିଡବୁଡ଼ି ରାସ୍ତାରେ ଛକି ରହିଥିବା ପ୍ରକାଶ, ମୁକେଶ ଓ ଜିତେନ୍ଦ୍ର ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ଏକ ବାଇକରେ ଲଦି ଦୁର୍ଯ୍ୟୋଧନଙ୍କୁ ଚୂନଘାଟି ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ଏକ ବଡ଼ ପଥରରେ ତାଙ୍କ ମୁଣ୍ଡକୁ ଛେଚି ବାଇକରୁ ପେଟ୍ରୋଲ କାଢ଼ି ଢାଳି ଜାଳି ଦେଇଥିଲେ। ଟିକାବାଲି ପୁଲିସ ଏହି ଘଟଣାରେ ସମ୍ପୃକ୍ତ ତିନି ଜଣଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଛି। ଆଜି ଜି.ଉଦୟଗିରି ଏସଡିପିଓ ବିଜୟ କୁମାର ବିଶି ଏବଂ ଟିକାବାଲି ଥାନା ଅଧିକାରିଣୀ କେ.ଆର. କର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ଯେ, ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ବୌଦ୍ଧରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତରେ ସହଯୋଗ କରିଥିଲେ। ପୁଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ସଫଳତାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ବିଏସ୍‌ଏଫ୍‌ର ଜନସମ୍ପର୍କ ଏବଂ ସମ୍ବାଦ କାର୍ଯ୍ୟକ୍ରମ



ବାଲିଗୁଡ଼ା, ୯।୧(ସମିସ): ସ୍ଥାନୀୟ ଅଞ୍ଚଳବାସୀ ଏବଂ ସୀମା ସୁରକ୍ଷା ବାହିନୀ ମଧ୍ୟରେ ବିଶ୍ୱାସ ଏବଂ ସହଯୋଗକୁ ସୁଦୃଢ଼ କରିବା ପାଇଁ ବାରଖମାରେ ନିୟୋଜିତ ବିଏସଏଫ୍ କ୍ୟାମ୍ପରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଏସଏଫ ମୁଖ୍ୟାଳୟ ଭୁବନେଶ୍ୱରରୁ ଡିଆଇଜି ସଞ୍ଜୀବ କୁମାର, ୧୩୬ ବାଟାଲିୟନ ବିଏସଏଫ କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା ଏବଂ ଅମନ ଭଗତ ସ୍ଥାନୀୟ ଅଞ୍ଚଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ସେମାନେ ବାରଖାମାର ଐତିହ୍ୟ, ସସ୍କୃତିକୁ ଗୁରୁତ୍ୱ ଦେବା ସହ ସ୍ଥାନୀୟ ଲୋକମାନେ ସମ୍ମୁଖୀନ ହେଉଥିବା ଅସୁବିଧା,ସରକାରୀ ଯୋଜନା ସହ ସରକାର ଏବଂ ସରକାରୀ ପ୍ରତିନିଧିମାନଙ୍କ ସହିତ ଅଞ୍ଚଳବାସୀ ଯେପରି ସମ୍ପର୍କ ସ୍ଥାପନ କରି ରହିବେ ସେ ବିଷୟରେ ଆଲୋଚନା କରିଥିଲେ। ବାରଖମା ଅଞ୍ଚଳର ବୁଦ୍ଧିଜୀବୀ ଓ ସ୍ଥାନୀୟ ପ୍ରତିନିଧିମାନେ ବିଏସଏଫ୍‌ର ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ ଏବଂ ସମସ୍ତଙ୍କୁ ବିଏସଏଫ ଦ୍ୱାରା ସହାୟତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାରଖମା ସରପଞ୍ଚ କୁମୁଦିନୀ ମଲ୍ଲିକ, ବାରଖମା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅମରେନ୍ଦ୍ର ସୁବୁଦ୍ଧି, ପରମାନନ୍ଦ ନାୟକ ୱାର୍ଡ ମେମ୍ବର ତଥା ସମାଜସେବୀ, ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଉମାଚରଣ ଦିଗାଲ, ହେରଦ ନାୟକ, ଲକ୍ଷ୍ମୀନାରାୟଣ ଦଣ୍ଡିଆ ସାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଦ୍ୱିତୀୟ ଦିନରେ କନ୍ଧମାଳ ମହୋତ୍ସବ, ପ୍ରାଣିସମ୍ପଦ ମେଳା

# ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଫିରିଙ୍ଗିଆ/ଫୁଲବାଣୀ, ୯।୧(ସମିସ): କନ୍ଧମାଳ ଷ୍ଟାଡିୟମ୍ ଫୁଲବାଣୀଠାରେ ଗତ ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ମହୋତ୍ସବ, ପଲ୍ଲୀଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା ସହିତରେ ମତ୍ସ୍ୟ ପ୍ରାଣୀସମ୍ପଦ ମେଳାର ଶୁଭ ଉଦଘାଟନ ହୋଇଛି। ପ୍ରଥମ ଦିନରେ ବିଧାୟକ ଉମାଚରଣ ମଲ୍ଲିକଙ୍କ କରକମଳରେ ପ୍ରଦର୍ଶନୀ ଷ୍ଟଲ୍‌ର ଉଦଘାଟନ ହୋଇଛି। କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଫୁଲବାଣୀ ବିଧାୟକ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ ସନ୍ତୋଷ କୁମାର ପାଢ଼ୀ ମୁଖ୍ୟବକ୍ତା ଶ୍ରୀଯୁକ୍ତ ଅଜିତ କୁମାର ପଟ୍ଟନାୟକ, ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶିମାଝି, ସିଡିଭିଓ ଡ ଭାଗବତ ଘୋଷ, ଡିଏଫଓ ଶ୍ରୀ ବିଶ୍ୱରଂଜନ ରଥ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦାନ ଦେଇଥିଲେ। ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ ଘୋଷ ସ୍ୱାଗତ ଭାଷଣ ଦେବାବେଳେ ମତ୍ସ୍ୟ ଓ ପ୍ରାଣୀ ବିଭାଗର ଅଭିବୃଦ୍ଧି ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ଏହାର ବିକାଶ , କାର୍ଯ୍ୟକାରିତା ଉପରେ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦୁଇଦିନ ଧରି ସଫଳ ୮ ଜଣ ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକଙ୍କୁ ଆର୍ଥିକ ରାଶି, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ୧୦ଟି ଜୀବନ୍ତ ପ୍ରାଣୀ ସମ୍ପଦର ପ୍ରଦର୍ଶନୀ ସହିତ ୨୫ ଗୋଟି ଅନ୍ୟାନ୍ୟ ବିଭାଗୀୟ ଷ୍ଟଲ ରହିଥିଲା।



ସଭାର ଦ୍ୱିତୀୟ ଦିନରେ କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ଜଗଦୀଶ ପ୍ରସାଦ ମିଶ୍ର ମୁଖ୍ୟବକ୍ତା ପୁଣି ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶମ୍ଭୁନାଥ ନନ୍ଦୀ ଯୋଗଦେଇଥିଲ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ରୁ ଦୁଇଦିନ ଧରି ୧୪୦୦ ଚାଷୀ ଯୋଗଦେଇଥିଲେ। କୃଷକ- ବୈଜ୍ଞାନିକ ମତ ବିନିମୟ ସାଙ୍ଗକୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ବିଭିନ୍ନ ଯୋଜନାର ସଚେତନତା ବାର୍ତ୍ତା ମଧ୍ୟ ପରିବେଷଣ କରାଯାଇଥିଲା। ସମ୍ପୂର୍ଣ୍ଣ ସଭା କାର୍ଯ୍ୟକୁ ଜିଲ୍ଲା ପ୍ରଶିକ୍ଷଣ ସଂଯୋଜିକ ଡ. ଅଳକା ପଟ୍ଟନାୟକ ପରିଚାଳନା କରିଥିଲେ।

## କଂଗ୍ରେସର ବନ୍ଧୁ ମିଳନ

ଜି.ଉଦୟଗିରି, ୯।୧(ସମିସ): ଜି.ଉଦୟଗିରି କଂଗ୍ରେସ ପକ୍ଷରୁ ସ୍ଥାନୀୟ ସିର୍କି ଘାଇ ନିକଟରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ସଂଗଠନକୁ ସୁଦୃଢ କରିବା ଓ କର୍ମୀଙ୍କ ମଧ୍ୟରେ ଏକତା ଓ ସହଯୋଗ ମନୋଭାବ ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ା ଉପସ୍ଥିତ ରହିଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜି.ଉଦୟଗିରି ବ୍ଲକ ବିଧାୟକ ପ୍ରତିନିଧି ପାଉଲ ପ୍ରଧାନ, ଏନ୍‌ଏସି ବିଧାୟକ ପ୍ରତିନିଧି ମଧୁଲିନା ଦିଗାଲଙ୍କ ସହ ବ୍ଲକ ଯୁବ କଂଗ୍ରେସ ନେତା ସସାନନ୍ଦ ପ୍ରଧାନ (ବିବୁନା) ଓ ଅନେକ ବରିଷ୍ଠ କନିଷ୍ଠ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଜି.ଉଦୟଗିରି ବ୍ଲକ କଂଗ୍ରେସ ଓ ବିଜ୍ଞାପିତ ଅଞ୍ଚଳ କିପରି ଆଗାମୀ ଦିନରେ ଆହୁରି ସଂଗଠିତ ଓ ସକ୍ରିୟ ହେବ, ସେଥିପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ରଞ୍ଜୁ ନାୟକ, ରୋହିତ ପ୍ରଧାନ,ସଦାନନ୍ଦ ନାୟକ,ଆମଷ ନାୟକ,ପ୍ରେମ କୁମାର୍ ସିଂ, ଧନୁର୍ଜୟ କହଁର,ପାଲେ ଖାନ, ଅଭିଷେକ ନାୟକ, ରୁବେନ ପ୍ରଧାନ, ଦୀପକ୍ ପ୍ରଧାନ, ବଚ୍ଛନ ମଲ୍ଲିକ, ରାଜେଶ ସାହୁ,ସୁନିଲ ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ। ଗୋପାଳ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ତୁଷାରପାତ ଜାରି; ତାପମାତ୍ରା ୨.୬ ଡିଗ୍ରୀ

ଜି.ଉଦୟଗିରି, ୯।୧(ସମିସ): ଜି.ଉଦୟଗିରିରେ ଦୁଇଦିନ ହେଲା ଜାରି ରହିଛି ତୁଷାରପାତ। ଗୁରୁବାର ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିବା ବେଳେ ଶୁକ୍ରବାର ୨.୬ ରହିଥିବା ରେକର୍ଡ କରିଛି ପାଣିପାଗ ବିଭାଗ। ଫଳରେ ମାଘ ମାସରେ ବାଘ ଭଳି ଶୀତ ଅନୁଭୂତ ହେଉଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚେତନା କାର୍ଯ୍ୟକ୍ରମ



ରାୟଗଡ, ୯।୧(ସମିସ):ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ସିଭିଲ ଜଜଙ୍କ ତତ୍ତ୍ୱାବଧାନରେ ମହେନ୍ଦ୍ରତନୟା ଆଶ୍ରମ ବିଦ୍ୟାଳୟ ପରିସରରେ ବାଲ୍ୟ ବିବାହ, ପରିବେଶ ସଚେତନା, ନିଶା ନିବାରଣକୁ ଆଧାରକରି ଏକ ସଚେତନା ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ମହେନ୍ଦ୍ରତନୟା ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ, ସରକାରୀ ଏସ୍‌ଏସ୍‌ଡି ବିଦ୍ୟାଳୟର ଛାତ୍ରଛାତ୍ରୀ, ନିକଟସ୍ଥ ଅଙ୍ଗନବାଡି କର୍ମୀଙ୍କ ସମେତ ଶତାଧିକ ଲୋକ ଯୋଗଦେଇଥିଲେ। ଉକ୍ତ ସଭାରେ ଗଜପତି ଜିଲ୍ଲାର ସିଭିଲ ଜଜ ବିମଲ ରାହୁଲ, ସିଡିପିଓ ବି. କମଳାଙ୍ଗୀ, ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକା, କଇଁପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା.ସୌମ୍ୟରଞ୍ଜନ ଶବର, ଏବିଇଓ ଯୁଧିଷ୍ଠିର ବେହେରା,କଇଁପୁର ସରପଞ୍ଚ ଜୟନ୍ତୀ ଶବର, ମହେନ୍ଦ୍ର ତନୟା ଆଶ୍ରମ ବିଦ୍ୟାଳୟର ମ୍ୟାନେଜିଙ୍ଗ କମିଟିର ସଦସ୍ୟ ସନ୍ନ୍ୟାସୀ କାର୍ଜୀ, ମହେନ୍ଦ୍ରଗିରି ଉନ୍ନୟନ କମିଟିର ସଦସ୍ୟ ଭାସ୍କର ମଣ୍ଡଳ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉକ୍ତ ସଦସ୍ୟମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ନେଇ ମହେନ୍ଦ୍ରତନୟା ଆଶ୍ରମ ବିଦ୍ୟାଳୟରୁ କଇଁପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ଦେଇ ପଦଯାତ୍ରା କରାଯାଇଥିଲା। ଅତିଥି ମାନେ ପରିବେଶ ପ୍ରଦୂଷଣର କାରଣ, ନିଶା ସେବନର କୁପରିଣାମ ଓ ବାଲ୍ୟ ବିବାହ ପ୍ରଥା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମହେନ୍ଦ୍ର ତନୟା ଆଶ୍ରମ ବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ଜେନା ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ■ ଦାରିଙ୍ଗବାଡି ଶୀତ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

# ନାଚଗୀତରେ ଦୁଲୁକିଲା ମଞ୍ଚ

ଦାରିଙ୍ଗବାଡ଼ି, ୯।୧(ସମିସ): ଦାରିଙ୍ଗବାଡ଼ି କଲେଜ ପଡିଆରେ ଚାଲିଥିବା ଶୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ମଞ୍ଚ ନାଚ ଗୀତରେ ଦୁଲୁକିଲା। ହଜାର ହଜାର ହାଡ଼ଭଙ୍ଗା ଜାଡ଼ରେ ମନଭରି ରଙ୍ଗାରଙ୍ଗ



କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ସମିତି ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥି ଭାବେ ବିଧାୟକ ଗୌରୀ ଶଙ୍କର ମାଝୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ପୂର୍ବତନ ଉପ ବାଚସ୍ପତି ସାଲୁଗା ପ୍ରଧାନ, ପୂର୍ବତନ ବିଧାୟିକା ଜୟନ୍ତି ପ୍ରଧାନ, ପୂର୍ବତନ ବିଧାୟକ ଯାକବ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଣିତା ଦାସ, ପିଏଆଇଟିଡ଼ିଏ ବାଲିଗୁଡା କୃପାସିନ୍ଧୁ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଜୋନ (୧୦) ରଞ୍ଜନ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଜୋନ (୧୧) ଦୀପିକା ମୁଠାମାଝି, ବିଜେପିର ଜିଲ୍ଲା ସଭାପତି ବିଶି ମାଝୀ ପ୍ରମୁଖ ମଞ୍ଚାସିନ ଥିଲେ। କମିଟର ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥ ଏବଂ ତହସିଲଦାର ଧିରଜ ପାତ୍ର ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଶିବାନନ୍ଦ ଏବଂ ସବନା ମଞ୍ଚ ସଞ୍ଚାଳନ କରିଥିଲେ। ଉତ୍ସବରେ ଜଳେଶ୍ୱର ବୋଲବମ ସଂଘ ପକ୍ଷରୁ ଗରମ ପାଣି ସହିତ ହର୍ବାଲ ଚା' ବିନା ମୂଲ୍ୟରେ ଦିଆଯାଇଥିଲା।

# କାଶୀନଗରରେ ବାରାଣସୀ ମହୋତ୍ସବ

କାଶୀନଗର, ୯।୧(ସମିସ)



କାଶୀନଗର ସ୍ଥିତ ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ଗୁରୁବାର ସନ୍ଧ୍ୟାରେ କାଶୀନଗର ବ୍ଲକ ଓ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିତ ଭାବେ ଆୟୋଜିତ ବାରାଣସୀ ମହୋଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସଭାନେତ୍ରୀ ବ୍ଲକ ଅଧକ୍ଷା ବି. ସାୟାମ୍ମା ଓ ଉପସଭାନେତ୍ରୀ ଏମ. ସୁଧାରାଣୀଙ୍କ ନେତୃତ୍ୱରେ ହୋଇଥିବା ଏହି ଉତ୍ସବରେ ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ପାରଳା ବିଧାୟକ ରୁପେଶ୍ ପାଣିଗ୍ରାହୀ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ, ବ୍ଲକ ଉପାଧକ୍ଷା ଏସ.କଲ୍ୟାଣୀ, ବିଡିଓ ଡ଼ମ୍ବୁରଧର ମଲ୍ଲିକ, ତହସିଲଦାର ସୁଧୀର କୁମାର ନନ୍ଦ, ଏନଏସି ନିର୍ବାହୀ ଅଧିକାରୀ ଭାଗବତ ସାହୁ ମଞ୍ଚାସୀନ ହୋଇଥିଲେ। ବ୍ଲକର ସମସ୍ତ ସରପଞ୍ଚ, ସମିତସଭ୍ୟଙ୍କୁ ଉପସ୍ଥିତ ଅତିଥିଙ୍କ ସହ ସମ୍ମାନୀତ କରାଯାଇଥିଲା। ବିଭିନ୍ନ ପଞ୍ଚାୟତ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ, କଳାକାର ମଞ୍ଚରେ ସଙ୍ଗୀତ ନୃତ୍ୟ ଦ୍ୱାରା ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେହିପରି ଶୁକ୍ରବାର ଦିନ ଉକ୍ତ ମହୋତ୍ସବ ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ପାରଳା ପୌରପାଳିକା ଅଧକ୍ଷା ନିର୍ମଳା ସେଠୀ, ଜିଲ୍ଲା ପରିଷଦ ଦଣ୍ଡପାଣି ବଡ଼ମୁଣ୍ଡି, ଅତିରିକ୍ତ ତହସିଲଦାର କେ. ଦିବ୍ୟରଞ୍ଜନ ଉପସ୍ଥିତି ହୋଇଥିଲେ। ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ କଳାକାର, ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥି ପ୍ରମାଣପତ୍ର ପୁରସ୍କାର ପ୍ରଦାନ କରିଥିଲେ। ସେହିପରି କାଶୀନଗରର ସମସ୍ତ ସାମ୍ବାଦିକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ସମସ୍ତ ଧାନ ମଣ୍ଡି ଖୋଲିବାକୁ ଦାବି

# ଅଖିଳ ଭାରତ କୃଷକ ସଭାର ଗଣଧାରଣା




ଛତ୍ରପୁର, ୯ ।୧(ସମିସ): ସମସ୍ତ ଧାନମଣ୍ଡି ଖୋଲିବା, ଚାଷୀ ଓ ଭାଗଚାଷୀଙ୍କୁ ଯଥାଶୀଘ୍ର ଟୋକନ୍ ପ୍ରଦାନ କରି ଧାନ କ୍ରୟ କରିବା, କଟ୍‌ନୀ ଛଟ୍‌ନୀ ବିରୋଧରେ ଦୃଢ଼ ପଦକ୍ଷେପ ନେବା ସମେତ ୭ ଦଫା ଦାବି ନେଇ ଅଖିଳ ଭାରତ କୃଷକ ସଭା ଗଞ୍ଜାମ ଜିଲ୍ଲା ପରିଷଦ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଜିଲ୍ଲା ସଭାପତି ଶ୍ରୀହର୍ଷ ରଥଙ୍କ ନେତୃତ୍ୱରେ ଚାଷୀ ଓ ଭାଗଚାଷୀମାନେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଗଣଧାରଣା ଦେଇଥିଲେ। ଏନେଇ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲାରେ ଏଯାବତ୍ ମଣ୍ଡିଖୋଲାଯାଇପାରିନାହିଁ ଏବଂ ସମସ୍ତ ପଞ୍ଜିକୃତ ଚାଷୀ ଏବଂ ଭାଗଚାଷୀଙ୍କ ନିକଟରେ ଟୋକେନ୍ ପହଞ୍ଚି ପାରିନାହିଁ। ଏଣୁ ଜଣେ ଚାଷୀ କେତେ ପରିମାଣର ଧାନ ବିକ୍ରୟ କରିପାରିବ ଏବଂ କେଉଁ ସମୟରେ ଦେବ, ତାହା ଜାଣିପାରୁନି। ଧାନ ବିକ୍ରୟ ନିମନ୍ତେ ସରକାରଙ୍କ ଯୋଜନା, ନିୟମ ଓ କଟକଣା ନେଇ, ଚାଷୀ ପୂର୍ବରୁ ଅବଗତ ହୋଇନପାରି, ଚିନ୍ତିତ ଓ ଆଶଙ୍କାଗ୍ରସ୍ଥ ହୋଇ ରହିଛି। ଏଣୁ ଅବିଳମ୍ବେ ସମସ୍ତ ମଣ୍ଡି ଖୋଲାଯାଇ ଧାନ କ୍ରୟ ପ୍ରକ୍ରିୟାକୁ ତ୍ୱରାନିତ କରାଯାଉ। ଭାଗଚାଷୀଙ୍କ ଚାଷଜମି ଅନୁଧାନ କଲାବେଳେ, ଆବଶ୍ୟକ ସ୍ଥଳେ ଜମିମାଲିକଙ୍କ ସହ ଯୋଗାଯୋଗ କରି ନିଷ୍ପତ୍ତି ନିଆଯାଉ। ମଣ୍ଡି ବ୍ୟତିତ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ସ୍ଥାନୀୟ ଚାଷୀ ମାନଙ୍କ ଠାରୁ ଏକକାଳିନ ସମସ୍ତ ଧାନ କ୍ରୟ ନିମନ୍ତେ ଯୋଜନା ଦିଆଯାଇ, ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା କରାଯିବା ଭଳି ବିଭିନ୍ନ ଦାବି ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କାର୍ଯ୍ୟକ୍ରମରେ ସାଙ୍ଗଠନିକ ସମ୍ପାଦକ ନୀଳକଣ୍ଠ ଦାଶ, ସିପିଆଇ ଜିଲ୍ଲା ସହ - ସମ୍ପାଦକ ପ୍ରଦୀପ ସେଠୀ, ରଙ୍କନାଥ ସ୍ୱାଇଁ, ଶରତ ପଟ୍ଟନାୟକ, ଏସ. କ୍ରିଷ୍ଣା ରେଡ୍ଡୀ, ସୀମାଞ୍ଚଳ ସାହୁ, ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଡି. ଆଦିନାରାୟଣ ରେଡ୍ଡୀ, ରାଜେନ୍ଦ୍ର ନାହାକ, ଏସ. ତ୍ରିନାଥ ରେଡ୍ଡୀ, ବିଦେଶୀ ନାହାକ, ପଞ୍ଚାନନ ସ୍ୱାଇଁ, କୈଳାଶ ପାତ୍ର, ଏନ. ସୁକାନ୍ତ ଆଚାରୀଙ୍କ ସମେତ ବହୁ ଚାଷୀ ସାମିଲ ଥିଲେ।

## ମଣ୍ଡି ଖୋଲିଛି, ଉଠୁନି ଧାନ; ମାତିଲେଣି ଦଲାଲ

# ବ୍ଲକ୍ ଅଫିସ୍ ଆଗରେ ଧାରଣାରେ ବସିଲେ ଚାଷୀ



ଶେରଗଡ଼, ୯ ।୧(ସମିସ): ଶେରଗଡ଼ ବ୍ଲକରେ ଗତ ୨୩ ତାରିଖରେ ଧବଳପୁର ସେବା ସମବାୟ ସମିତିରେ ଧାନମଣ୍ଡିର ଶୁଭାରମ୍ଭ ହୋଇଥିଲା। ଇତି ମଧ୍ୟରେ ୨୦ ଦିନ ବିତିବାକୁ ବସିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଜଣେ ଚାଷୀଙ୍କର ଧାନ କିଣା ହୋଇନଥିବାରୁ ଶୁକ୍ରବାର ଧବଳପୁର ପଞ୍ଚାୟତର ଚାଷୀମାନେ ବ୍ଲକ ଅଫିସ ସାମନାରେ ଧାରଣା ଦେଇଥିଲେ।

ପ୍ରଶାସନ ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ହେଲେ ସମନ୍ୱୟ ଅଭାବ ଯୋଗୁଁ ଧାନ ଉଠି ପାରୁନାହିଁ। ଶେରଗଡ ଅଞ୍ଚଳରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। କେବେ ଧାନ ଉଠିବ ବୋଲି ଚାଷୀ ପ୍ରଶ୍ନ କରୁଛି। ଶେରଗଡ ବ୍ଲକରେ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେଲାଣି ଅମଳ ଧାନକୁ ଚାଷୀ ଘରେ ସାଇତି ରଖିଛି। ଏହାର ସୁଯୋଗ ନେଇ ଦଲାଲ ଗାଁ ଗାଁରେ ସକ୍ରିୟ ହୋଇ ଉଠିଛନ୍ତି। ସରକାରୀ ଦାମ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଥିବା ବେଳେ ଦଲାଲ ମାନେ ଚାଷୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ୧୪ ଶହରୁ ୧୫ ଶହ ଟଙ୍କାରେ କିଣି ନେଉଛନ୍ତି। ହେଲେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। କମ୍ ଦାମରେ ଧାନ ବିକ୍ରି କରି ଚାଷୀ ହତାଶ ହେଉଥିବା ବେଳେ ଦଲାଲମାନେ ଆନ୍ଧ୍ର ବେପାରୀଙ୍କୁ ଅଧିକ ଦାମରେ ବିକ୍ରି କରି ମାଲାମାଲ ହେଉଛନ୍ତି। ଏଭଳି ସମସ୍ୟା ନେଇ ଶୁକ୍ରବାର ଧବଳପୁର ପଞ୍ଚାୟତର ଶତାଧିକ ଚାଷୀ ବ୍ଲକ ସାମନାରେ ଧାରଣା ଦେଇଥିଲେ। ସେମାନଙ୍କ ଦାବି କରିଥିଲେ ଯେ, ଅମଳ ଧାନକୁ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚାଷୀଙ୍କ ଘରୁ ଉଠାଯାଉ ଏବଂ କଟନୀ ଛଟନୀ ବନ୍ଦ କରାଯାଉ। ସ୍ଥାନୀୟ ବିଡିଓ ତୃପ୍ତିମୟୀ ଜେନା, ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବୈରୀ ଗଞ୍ଜନ, ସୁପରଭାଇଜର ହିମାଂଶୁ ଶେଖର ପୃଷ୍ଟି, ବ୍ଲକ ଯୋଗାଣ ନିରୀକ୍ଷକ ବିଭୁ ପ୍ରସାଦ ସାହୁ ପ୍ରମୁଖ ଚାଷୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଚାଷୀଙ୍କ ଦାବିକୁ ପ୍ରଶାସନ ନିକଟରେ ଉପସ୍ଥାପନ କରି ୭ ଦିନ ମଧ୍ୟରେ ସମାଧାନ କରି ଚାଷୀଙ୍କ ଧାନ ପୂର୍ବବର୍ଷ ଭଳି ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଉଦୟ ପ୍ରତାପ କଲେଜର ବାର୍ଷିକ କ୍ରୀଡ଼ା

ଶେରଗଡ଼, ୯ ।୧(ସମିସ): ସ୍ଥାନୀୟ ଉଦୟ ପ୍ରତାପ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶେରଗଡ଼ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ପ୍ରତିଯୋଗିତା ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଉଥିବା ବେଳେ କ୍ରୀଡ଼ା କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧାପକ ପ୍ରଦୀପ୍ତ କୁମାର ପଣ୍ଡା, ବିନୋଦ ଚନ୍ଦ୍ର କର, ରମେଶ ଚନ୍ଦ୍ର ପ୍ରଧାନ, ସଦାନନ୍ଦ ତ୍ରିପାଠୀ, ଆଲୋକ କୁମାର ତ୍ରିପାଠୀଙ୍କ ସହିତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କ୍ରୀଡ଼ା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଢଉଗାଁରେ ମାଗଣା ଚକ୍ଷୁ ଶିବିର

ଧରାକୋଟ, ୯ ।୧(ସମିସ): ଧରାକୋଟ ବ୍ଲକ ଢଉଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ମନୁ ପାତ୍ର ଶିବିରକୁ ଉଦଘାଟନ କରିଥିଲେ। ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିବା ବେଳେ ୧୫ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ସମାଜସେବୀ ସଞ୍ଜୟ ପାତ୍ରଙ୍କ ସମେତ ପଞ୍ଚାୟତବାସୀ ଏଥିରେ ସହଯୋଗ କରିଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ଚିତ୍ରସେନ ଗୌଡ଼ଙ୍କ ଟିମ୍ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

ଖଲ୍ଲିକୋଟ, ୯।୧(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଅଧୀନରେ ୭ ଦିନ ଧରି ଚାଲିଥିବା ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପଲେଇ ସଭାପତିତ୍ୱ କରିଥିଲେ। ସଂଯୋଜକ ଗଗନ ଗୌଡ଼ ଶିବିରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ସଚେତନତା ପଦଯାତ୍ରା, ସଫେଇ, ଯୋଗ ଶିବିର, ଇତ୍ୟାଦି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଇଂରାଜୀ ଅଧାପିକା ସବିତା ପାଢ଼ୀ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବରିଷ୍ଠ ଅଧାପକ ବିଷ୍ଣୁ ପ୍ରସାଦ ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ସ୍ୱେଚ୍ଛାସେବୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଇତିହାସ ଅଧାପକ ଦକ୍ଷିଣେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମେଦିନୀପୁରରେ କୃଷି କର୍ମଶାଳା




କୁକୁଡାଖଣ୍ଡି, ୯।୧(ସମିସ): କୁକୁଡାଖଣ୍ଡି ବ୍ଲକ ଶିହଳା ପଞ୍ଚାୟତ ମେଦିନୀପୁରରେ କୃଷି କର୍ମଶାଳା ସହକାରୀ କୃଷି ଉଦ୍ୟାନ ଅଧିକାରୀ ଗୀତାଞ୍ଜଳି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚିକିଟି ସହକାରୀ କୃଷି ଅଧିକାରୀ ଆଲୋକ ବେହେରା, ଶିହଳା ସରପଞ୍ଚ ଗୌରୀ ଗୌଡ଼, ବିପିସି ଶ୍ରୀରାମ ପଣ୍ଡା, କୁକୁଡାଖଣ୍ଡି ଗୋଷ୍ଠୀ କୃଷି ଅଧିକାରୀ ସୁବ୍ରତ ବାରିକ, ସହକାରୀ କୃଷି ନିର୍ଦ୍ଦେଶକ ବ୍ରହ୍ମପୁର ସୁବାସ ଚନ୍ଦ୍ର ପଣ୍ଡା, ଜିଲ୍ଲା ସଂଯୋଜକ ଚିନ୍ମୟ ବେହେରା ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୃଷି ଯୋଜନା ଅଧୀନରେ ଥିବା ବିଭିନ୍ନ ସହକାରୀ ସହାୟତା, ପ୍ରଶିକ୍ଷଣ ସୁବିଧା ଉପରେ ଉପସ୍ଥିତ ଚାଷୀ ମାନଙ୍କୁ ଅଧିକାରୀ ମାନେ ବୁଝାଇଥିଲେ।

## ଋଷିକୁଲ୍ୟା ରୟତ ମହାସଭାର ଦାବିପତ୍ର

# ୭୦ ପ୍ରତିଶତ ଚାଷୀଙ୍କୁ ମିଳିନି ଟୋକନ୍



ପୋଲସରା, ୯ ।୧(ସମିସ): ଧାନମଣ୍ଡି ସମେତ ବିଭିନ୍ନ ସମସ୍ୟାକୁ ନେଇ ପୋଲସରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଋଷିକୁଲ୍ୟା ରୟତ ମହାସଭା ପୋଲସରା ଶାଖା ଆବାହକ ଶିବ ପ୍ରସାଦ ସାହୁ ଓ ହୀନ ସ୍ୱାଇଁଙ୍କ ଆବାହକତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ କୃଷକ ମଜଦୂର ମହାସଂଘର ରାଜ୍ୟ ସଭାପତି ସଚିନ ମହାପାତ୍ର ଯୋଗଦେଇ ଚାଷୀଙ୍କ ଧାନମଣ୍ଡି ସମସ୍ୟା ସାଙ୍ଗକୁ ଧାନ ବିକ୍ରି ବେଳେ ମିଲରମାନେ ଯେଉଁ କଟନୀ ଛଟନୀ କରୁଛନ୍ତି ତାହା ଉପରେ ଆଲୋଚନା କରାଯିବା ସହିତ ଚାଷୀଙ୍କୁ ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରୁଥିବା ନେଇ ବକ୍ତବ୍ୟ ରଖି ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରଶାସନିକ ଅଧିକାରୀମାନେ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିସହିତ ୮ଦଫା ଦାବିନେଇ ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଧାନମଣ୍ଡିର ସମସ୍ୟା ସହିତ ବ୍ଲକ ମୁଖ୍ୟାଳୟରେ କୃଷକ ଭବନ ନିର୍ମାଣ କରିବା ପାଇଁ ବିଡ଼ିଓ ଓ ତହସିଲଦାରଙ୍କୁ ଅବଗତ କରାଯାଇଛି। ହେଲେ ଉଦବେଗର ବିଷୟ ବର୍ତ୍ତମାନ ପର୍ଯ୍ୟନ୍ତ ପୋଲସରା ବ୍ଲକରେ ମାତ୍ର ୩୦ ଭାଗ ଚାଷୀଙ୍କୁ ଟୋକନ ଦିଆଯାଇଥିବା ବେଳେ ବଳକା ପାଖାପାଖି ଶତକଡା ୭୦ ଭାଗ ଚାଷୀଙ୍କୁ କେବେ ଟୋକନ ମିଳିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗୋଟିଏ ପଟେ ସରକାର ଧାନମଣ୍ଡି ଖୋଲି ଚାଷୀଙ୍କୁ ଉପକୃତ କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଅନ୍ୟପଟେ ଚାଷୀ ନିଜ ଧାନର ସୁରକ୍ଷା ପାଇଁ ଏବେ ଚିନ୍ତାରେ ପଡିଛନ୍ତି। କାର୍ଯ୍ୟକ୍ରମରେ ଋଷିକୁଲ୍ୟା ରୟତ ମହାସଭା ପୋଲସରା ଶାଖାର ଆବାହକ ଶିବ ପ୍ରସାଦ ସାହୁ, ହୀନ ସ୍ୱାଇଁ, ଉପଦେଷ୍ଟା ମୁନି ରଥ, ସଂଯୋଜକ ନାରାୟଣ, ପ୍ରଧାନ, ବିପିନ ବିହାରୀ ପ୍ରଧାନ, ଶଙ୍କର ଡାକୁଆ, ଦୁଃଖିଶ୍ୟାମ ପ୍ରଧାନ, ପଞ୍ଚାନନ ମହାରଣା, ଜ୍ୟୋତିର୍ମୟ ଦାସ ସମେତ ସମସ୍ତ ପଞ୍ଚାୟତର ଅଗ୍ରଣୀ ଚାଷୀମାନେ ଉପସ୍ଥିତ ଥିଲେ।

## 'ବେଟି ବଚାଓ ବେଟି ପଢ଼ାଅ' କାର୍ଯ୍ୟକ୍ରମ

ଧରାକୋଟ, ୯ ।୧(ସମିସ): ଧରାକୋଟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଚାଓ ବେଟି ପଢାଅ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡିପିଓ ସୁନୀଲ ପ୍ରଭା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ସଂଗ୍ରାମ କେଶରୀ ଜେନା, ଏବିଇଓ ସୌରୀ ଶଙ୍କର ବେହେରା, ପୂର୍ବତନ ଶିଶୁ ମଙ୍ଗଳ ସମିତି ସଦସ୍ୟ ତଥା ଜିଲ୍ଲାସ୍ତରୀୟ ତାଲିମଦାତା ହରିହର ପାଢ଼ୀ, ଏସବିଆଇ ପରିଚାଳକ ସୀତାକାନ୍ତ ବେହେରା, ଯୁବ ଆଇନଜୀବୀ ବି. ତେଜେଶ୍ୱର ଆଚାରୀ, ଜିଲ୍ଲାର ବାପୁଜୀ କନିଆରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଞ୍ଚଳ ପରିଦର୍ଶିକା ଭାଗ୍ୟଲତା ମଣ୍ଡଳ, ରାଜଲକ୍ଷ୍ମୀ ପ୍ରଧାନ, ଲକ୍ଷ୍ମୀ ଦଳେଇ, ପଦ୍ମାବତୀ ମଲ୍ଲିକ ପ୍ରମୁଖ ସଂଯୋଜନା କରିଥିବା ବେଳେ ବନବାସ ବେହେରା, ଅଜୟ ସେମିଲି ସହଯୋଗ କରିଥିଲେ। ଶେଷରେ ତିନି ଜଣ କିଶୋରୀ ବ୍ଲକ ଟପ୍ପର ବର୍ଷା ଗୌଡ଼, ଶ୍ରେଷ୍ଠ ବକ୍ତୃତା ଅଙ୍କିତା ଜେନା, ବିଜ୍ଞାନ ମେଳାର ଶ୍ରେଷ୍ଠ ଆଦ୍ୟସା ସ୍ୱାଇଁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। **ଆସିକା:** ଆସିକା ସିଡିପିଓ ଶାନ୍ତି କରସୁଧା ପଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡ଼ିଓ ସୁଶାନ୍ତ ବେହେରା, ଆସିକା ଓକିଲ ସଙ୍ଘ ସଭାପତି ଅଜିତ କୁମାର ଚୌଧୁରୀ, ଶିଶୁ ମଙ୍ଗଳ ସମିତି ସଦସ୍ୟ ତଥା ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ହରିହର ପାଢ଼ୀ, କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଗୀତାଞ୍ଜଳି ବେହେରା, ଜିଲ୍ଲାର ବାପୁଜୀ କନିଆରୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଅଞ୍ଚଳ ପରିଦର୍ଶିକା ସଂଯୁକ୍ତା ସ୍ୱାଇଁ, ଦୀପ୍ତିରାଣୀ ଧୋବା, ପ୍ରମିଳା ସାହୁ, କୁମୁଦିନୀ ପାତ୍ର, ବିଷ୍ଣୁପ୍ରିୟା ଯାନୀ, ସଂଯୁକ୍ତା ବେହେରା ସହଯୋଗ କରିଥିଲେ।

## ପୂର୍ବତନ ବିଧାୟକଙ୍କ ସ୍ମୃତି ସମାରୋହ

କୋଦଳା, ୯ ।୧(ସମିସ): ବେଗୁନିଆପଡ଼ା ବ୍ଲକ ଅଙ୍ଗାରଗାଁ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟ ପରିସରରେ ସମାଜବାଦୀ ନେତା ତଥା ପୂର୍ବତନ ବିଧାୟକ ନାରାୟଣ ସାହୁ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ବାଗ୍ମୀ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡକ୍ଟର ବିଷ୍ଣୁଚରଣ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସ୍ମୃତି ସମିତିର ଅଧକ୍ଷ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ପୌରହିତ୍ୟ କରିଥିବା ବେଳେ ଲୋହିୟା ଏକାଡ଼େମୀର ସମ୍ପାଦକ ଦେବପ୍ରସାଦ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲୋକସେବକ ମଣ୍ଡଳର ଜାତୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ବିଶିଷ୍ଟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ପ୍ରଫେସର ଉଷାରାଣୀ ଆଚାର୍ଯ୍ୟ ଓ ନବୀନ ସମ୍ପାଦକ ତଥା ସ୍ମୃତି ସମାରୋହ ସମ୍ପାଦକ ରବି ରଥ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଅଙ୍ଗାରଗାଁ ସରପଞ୍ଚ ନୀଳେନ୍ଦ୍ରି ସେଠୀ, ସମିତିସଭ୍ୟ ଅଶୋକ କୁମାର ସେଠୀ, ବେଗୁନିଆପଡ଼ା ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ନାରାୟଣ ସାହୁଙ୍କ ସୁପୁତ୍ର ସୁବାସ ସାହୁ ଉପସ୍ଥିତ ଥିଲେ। ସମାରୋହକୁ ସ୍ମୃତି କମିଟିର ସାଧାରଣ ସମ୍ପାଦକ ତଥା ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଭ୍ୟର୍ଥନା କମିଟିର ଅଧକ୍ଷ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସୁରେନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ସାହୁ, ଭ୍ରମରବର ଭୂୟାଁ, ରଙ୍କନିଧି ସେଠୀଙ୍କ ସହ ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

## ପିଲାଙ୍କୁ ପାଠ ପଢ଼ାଇଲେ ମନ୍ତ୍ରୀ



ପୋଲସରା, ୯ ।୧(ସମିସ): ପିଲାଙ୍କୁ ପାଠ ପଢ଼ାଇଲେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ଗସ୍ତ କରି ପଞ୍ଚମ ଓ ସପ୍ତମ ଶ୍ରେଣୀକୁ ଯାଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଛାତ୍ରଛାତ୍ରୀ ପାଠ ପଢ଼ାରେ ଦୁର୍ବଳ ଥିବା ଦେଖି ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ତାଗିଦ୍ କରିବା ସହ ଶିକ୍ଷକଙ୍କ ସହ ପିଲାଙ୍କୁ ପାଠ ପଢ଼ାଇଥିଲେ ମନ୍ତ୍ରୀ। ଏହାପରେ ସେଠାରେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିବା ସହ ଉତ୍ତମ ମାନର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ଛାତ୍ରଛାତ୍ରୀଙ୍କୁ ଦେବାକୁ ପାଚିକା ଓ ସହାୟିକାଙ୍କ ପ୍ରଧାନ ଶିକ୍ଷକଙ୍କୁ ତାଗିଦ କରିଥିଲେ। ଆଗାମୀ ଦିନରେ ଏହିପରି ନିମ୍ନ ମାନର ଖାଦ୍ୟ ପରିବେଷଣ ସହିତ ବାଟମାରଣା ହେଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ।

## ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ

ଜଗନ୍ନାଥପ୍ରସାଦ, ୯।୧(ସମିସ): ଜଗନ୍ନାଥ ପ୍ରସାଦ ଆଞ୍ଚଳିକ ଡ଼ିଗ୍ରୀ କଲେଜ ପରିସରରେ 'ଆତ୍ମନିର୍ଭର ଭାରତ' ଆନୁକୂଲ୍ୟରେ ସ୍ୱଦେଶୀ ଅଭିଯାନ ମେଳା ଓ ଭାରତୀୟ ଲୋକନୃତ୍ୟ ଓ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ.ପ୍ରମୋଦ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ସମ୍ମାନୀତ ଅତିଥି ଭାବେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ନୃସିଂହଚରଣ ପ୍ରଧାନ ଉଦଘାଟନ୍ କରିଥିଲେ। ଅଧାପକ ବିଭୂତି ଭୂଷଣ ପ୍ରଧାନ 'ବନ୍ଦେ ମାତରମ୍' ସଂଗୀତ ଗାନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଅଧାପକ ନିରଞ୍ଜନ ଶତପଥି ପରିଚୟ ପ୍ରଦାନ ସହ କର୍ମଶାଳାର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସାଧନବ୍ୟକ୍ତି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଲୋକନାଥ ମହାନ୍ତି ଯୋଗଦେଇଥିଲେ। 'ଭାରତଲୀଳା' ନାଟ୍ୟଗୁରୁ ପୀତାମ୍ବର ଡାକୁଆ ଅଭିନୟ ମାଧ୍ୟମରେ 'ଭାରତଲୀଳା' ପ୍ରସଙ୍ଗ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ଅଧାପକ ବିରଞ୍ଚି ନାରାୟଣ ପ୍ରଧାନ, ଶ୍ରୀକାନ୍ତ ପାତ୍ର, ଇଂରାଜୀ ଅଧାପିକା ସୁଚରିତା କର, ଓଡିଆ ଅଧାପକ ପଞ୍ଚାନନ ପୋଲାଇ, ଗ୍ରନ୍ଥାଗାରିକ ରଘୁନାଥ ପାଣି, ଡିଇଓ ସରୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋଭନ ସାହୁ, ସାଇରାମ ପ୍ରଧାନ, ଗୌତମ ବେହେରା, ସାଗର ନାଇକ, ତୁଳସୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅଧାପକ ବିଭୂତି ଭୂଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦୁପଦର କଲେଜର ବାର୍ଷିକ କ୍ରୀଡ଼ା

ଆସିକା, ୯।୧(ସମିସ): ଆସିକା ବ୍ଲକ କେନ୍ଦୁପଦର ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅମର ପ୍ରସାଦ ବିଷୋୟୀ ବାର୍ଷିକ କ୍ରୀଡ଼ାର ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ସ୍ଥାନୀୟ ହନୁମାନ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରିଥିଲେ। ଦୁଇଦିନ ଧରି ଚାଲୁଥିବା ବାର୍ଷିକ କ୍ରୀଡ଼ାକୁ ସୂଚାରୁ ରୂପେ ସମ୍ପାଦିତ ପାଇଁ ସମସ୍ତ ଅଧାପକ, ଅଧାପିକା, କ୍ରୀଡ଼ା ପ୍ରଶିକ୍ଷକ, ସ୍ୱେଚ୍ଛାସେବୀ ଓ ଅନୁଷ୍ଠାନର କର୍ମଚାରୀମାନଙ୍କୁ ସହଯୋଗ ପାଇଁ କଲେଜର ଅଧକ୍ଷ ପରାମର୍ଶ ଦେଇଥିଲେ। +୩ର କ୍ରୀଡ଼ା ଦାୟିତ୍ୱରେ ଥିବା ସଂଯୋଜକ ପ୍ରମୋଦ କୁମାର ଆପଟ୍, ସହ ସଂଯୋଜିକା ସୁଜାତା ଟେଟେ, +୨ର ସଂଯାଜକ ମନୁ ସ୍ୱାଇଁ, ସହ ସଂଯୋଜକ ଉପେନ୍ଦ୍ର ମାଝୀ ସହଯୋଗ କରିଥିଲେ।

# ମହାନଦୀ ସହ ବାହୁଦାର ସଂଯୋଗୀକରଣ ପାଇଁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଦିଗପହଣ୍ଡି, ୯ ।୧(ସମିସ)




ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ଆବାହକ ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଡ଼. ବାଳକୃଷ୍ଣ ପଣ୍ଡା ଶୁକ୍ରବାର ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରି ଦକ୍ଷିଣ ଓଡ଼ିଶାର ଜଳସେଚନ ଓ ଶିଳ୍ପ ବିକାଶ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମହାନଦୀ-ଋଷିକୁଲ୍ୟା ନଦୀ ସଂଯୋଗୀକରଣ ଯୋଜନାକୁ ବାହୁଦା ନଦୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରି ଜାତୀୟ ଜଳପଥ-୫କୁ ଏହା ସହ ଯୋଡ଼ିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ମହାନଦୀର ବନ୍ୟା ଜଳକୁ ବିନିଯୋଗ କରିବାକୁ ସାତକୋଶିଆ ନିକଟସ୍ଥ ବଡ଼ମୂଳଠାରେ ଏକ ବନ୍ଧ ନିର୍ମାଣ କରାଯାଇ ଦକ୍ଷିଣ ଓଡ଼ିଶାକୁ ଜଳ ଯୋଗାଣ କରିବା। ଏହି ୩୧୭ କି.ମି ପରିବ୍ୟାପ୍ତ କେନାଲ ଦ୍ୱାରା ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରାୟ ୨.୭ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବା ସହ ବ୍ରହ୍ମପୁର ସହରର ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଏହି କେନାଲଟି ନୌଚଳାଚଳ ଯୋଗ୍ୟ ହେବା ସହ ଜାତୀୟ ଜଳପଥ-୫ ସହ ସଂଯୁକ୍ତ ହେଲେ ତାଳଚେର କୋଇଲା ଖଣି ଓ ପାରାଦୀପ ବନ୍ଦର ସହ ଗୋପାଳପୁର ଓ ବାହୁଦା ମୁହାଣରେ ପ୍ରସ୍ତାବିତ ବନ୍ଦର ସହଜରେ ଯୋଡ଼ି ହୋଇପାରିବ। ଏହା ଦ୍ୱାରା ରାଜ୍ୟର ଅର୍ଥନୈତିକ କରିଡରରେ ଥିବା ଶିଳ୍ପ ଗୁଡ଼ିକୁ ଆବଶ୍ୟକ ପରିମାଣର ଜଳ ଯୋଗାଇ ଦିଆଯାଇପାରିବ। ଏହି ପ୍ରକଳ୍ପ ଦ୍ୱାରା ୪୨୨ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ହେବା ସହ କେନାଲ ମଧ୍ୟରେ 'କେଜ୍ ଫିସିଂ' ମାଧ୍ୟମରେ ମତ୍ସ୍ୟ ଚାଷ କରି ପ୍ରକଳ୍ପ ଦ୍ୱାରା ଜମି ହରାଇଥିବା ଚାଷୀଙ୍କୁ ରୋଜଗାରକ୍ଷମ କରାଯାଇପାରିବ। ବିକଶିତ ଭାରତ ଓ ଉତ୍କର୍ଷ ଓଡ଼ିଶା-୨୦୩୬ର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ବହୁମୁଖୀ ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ କେନ୍ଦ୍ର ଶ୍ରମ ନିଯୋଜନ ଶିକ୍ଷା ବୋର୍ଡର ପ୍ରାକ୍ତନ ଅଧକ୍ଷ କେ. ଲକ୍ଷ୍ମଣ ରେଡ୍ଡୀ ଉପସ୍ଥିତ ଥିଲେ।

## ରାମଚରିତ ମାନସ ପାରାୟଣ ଶୁଭାରମ୍ଭ

ଦିଗପହଣ୍ଡି, ୯ ।୧(ସମିସ): ଦିଗପହଣ୍ଡି ରାଜବାଟି ସିଂହଦ୍ୱାର ସମ୍ମୁଖରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ନୟାଗଡ଼ର ବିଶିଷ୍ଟ ପ୍ରବକ୍ତା ପଣ୍ଡିତ ଗୋପାଳ ଚନ୍ଦ୍ର ରାଜଗୁରୁ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦିଗପହଣ୍ଡି ଏନ୍‌ଏସି ଅଧକ୍ଷ ପ୍ରଫୁଲ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରାକ୍ତନ ସଭାପତି ହରିକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଘନସିଙ୍ଗି ବଦ୍ରିକାଶ୍ରମର ମୁଖ୍ୟ ସନ୍ନିଷ୍ଠାନନ୍ଦ ସରସ୍ୱତୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରୀ ଶ୍ରୀରାମଦୟା ପରିଷଦର ମହାମଣ୍ଡଳେଶ୍ୱର ମହନ୍ତ ଗଙ୍ଗାରାମ ଦାସଜୀ ମହାରାଜ ବିଷୟ ପ୍ରସଙ୍ଗ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଆଇନଜୀବୀ ହରପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ମାରଦା ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ



ପୋଲସରା, ୯ ।୧(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ପଞ୍ଚାୟତ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ମହୋତ୍ସବ ଆସନ୍ତା ୧୪,୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଶୁଭଖୁଣ୍ଟି ସ୍ଥାପନ ସହିତ ଜଗନ୍ନାଥଙ୍କ ପାଖକୁ ନିମନ୍ତ୍ରଣ ପତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପ୍ରଶାସନିକ ଅଧିକାରୀ, ମାରଦା ମହୋତ୍ସବ କମିଟି ବୃନ୍ଦ ଓ ଉପସ୍ଥିତ ଜନସାଧାରଣଙ୍କୁ ନେଇ ମହୋତ୍ସବ ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କର୍ତ୍ତା ଭାବେ କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା ଓ ସମ୍ପାଦକ ଭବାନୀଶଙ୍କର ରଥ ଦାୟିତ୍ୱ ଗ୍ରହଣ କରିଥିଲେ। ପୁରୋହିତ ଲକ୍ଷ୍ମୀଚରଣ ମିଶ୍ର ହୋମ୍‌ଯଜ୍ଞ କରିଥିଲେ। ବିଡ଼ିଓ ଶଶିଭୂଷଣ ମହାପାତ୍ର, ତହସିଲଦାର ଦୀପ୍ତିମୟୀ ପାତ୍ର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ଥାନାଧିକାରୀ କୌଶିକ ମାଝୀ, ଉପସଭାପତି ମୋତିରାମ ସାହୁ, ବରିଷ୍ଠ ସଭ୍ୟ ଶ୍ୟାମସୁନ୍ଦର ସାହୁ, କୋଷାଧକ୍ଷ କାମ୍ପ ବାଢେଇ, ସହ ସମ୍ପାଦକ ଦେବାଶିଷ ସ୍ୱାଇଁ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ ପ୍ରଧାନ, ପବିତ୍ର କୁମାର ନାୟକ, ରଘୁନାଥ ପଣ୍ଡା, ମହେଶ୍ୱର ପରିଡ଼ା, ଦିପକ କୁମାର ପୋଲାଇ, ରାଜେନ୍ଦ୍ର ପାତ୍ର, ମନୋଜ କୁମାର ଖଟୁଆ, ରାମକୃଷ୍ଣ ପ୍ରଧାନ, ପ୍ରଶ୍ନ କୁମାର ଡାକୁଆ, ଗାୟତ୍ରୀ ଜେନା, ଶିବାନୀ ସାହାଣୀ, ପ୍ରତିମା ସାହୁ, ଗୀତାଞ୍ଜଳି ନାୟକ, କସ୍ତୁରୀ ସାହୁ ସମେତ ମହୋତ୍ସବ କମିଟି ବୃନ୍ଦ ଓ ଅଞ୍ଚଳର ଜନସାଧାରଣ ସହଯୋଗ କରିଥିଲେ।

